# NATIONAL NEWS BULLETIN (ODIA)

**3 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ।

- ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଯାଜପୁର ଜିଲ୍ଲା ନାଭିଗୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ପିଣ୍ଡ ଦାନ କଲେ ରାଷ୍ଟ୍ରପତି ।

- ଐତିହାସିକ ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମ୍ବର୍ଦ୍ଧିତ କଲେ ଏନ୍‌ଡିଏ ସାଂସଦ ।

- ସୂଚନା ଆଦାନ ପ୍ରଦାନ ନାମରେ ନାଗରିକଙ୍କ ଗୋପନୀୟତା ଅଧିକାର ସହ ସାଲିସ କରାଯିବ ନାହିଁ - କହିଲେ ସୁପ୍ରିମକୋର୍ଟ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ ଏଲିମିନେଟର ପର୍ଯ୍ୟାୟରେ ଆଜି ଅନୁଷ୍ଠିତ ହେବ ଗୁଜରାଟ ଜାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ।

---

## ଲୋକସଭା ଆଡଜର୍ଣ୍ଣଡ

ଲୋକସଭାରେ ଆଜି ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ଓମ୍ ବିର୍ଲା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି । ଆଜି

ଗୃହକାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ବାଚସ୍ପତି ପୂର୍ବତନ ସାଂସଦ ସ୍ୱରୂପ ସିଂହ ହୀରୟାନାଏକଙ୍କ ବିୟୋଗରେ ଶୋକବ୍ୟକ୍ତ କରିଥିଲେ । ପରଲୋକଗତ ନେତାଙ୍କ ପ୍ରତି ସମ୍ମାନ ସ୍ୱରୂପ ଗୃହରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଆରମ୍ଭ ହୋଇଥିବା ପ୍ରଶ୍ନକାଳରେ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ସିଏପିଏଫ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉପରେ ପଚରା ଯାଇଥିବା ଏକ ପ୍ରଶ୍ନର ଉତ୍ତରଦେବାକୁ ଚେଷ୍ଟା କରିବା ବେଳେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ । ଏଥିଯୋଗୁଁ ମନ୍ତ୍ରୀ ଗୃହରେ ସମ୍ପୂର୍ଣ୍ଣ ଉତ୍ତର ରଖି ନପାରିବାରୁ ବାଚସ୍ପତି ଶ୍ରୀ ବିର୍ଲା ଉଦ୍‌ବେଗ ପ୍ରକାଶ କରିଥିଲେ । ଗୃହକାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ନିବେଦନ କରିଥିଲେ ହେଁ ବିରୋଧୀ ସଦସ୍ୟମାନେ ବିକ୍ଷୋଭ ଜାରି ରଖିବାରୁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା ।

# ରାଷ୍ଟ୍ରପତି – ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦେଶର ୧୮ଟି ଶକ୍ତିପୀଠ ମଧ୍ୟରୁ ଓଡ଼ିଶାର ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ମା’ଙ୍କୁ ଦର୍ଶନ କରିଛନ୍ତି । ମନ୍ଦିର ପରିସରରେ ଅବସ୍ଥିତ ପବିତ୍ର ନାଭିଗୟାରେ ରାଷ୍ଟ୍ରପତି ତାଙ୍କ ପରଲୋକଗତ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଆନୁଷ୍ଠାନିକ ନୈବେଦ୍ୟ ପିଣ୍ଡ ମଧ୍ୟ ଦାନ କରିଥିଲେ । ରାଷ୍ଟ୍ରପତିଙ୍କ ଆଗମନକୁ ଦୃଷ୍ଟିରେ ରଖି ମା’ ବିରଜା ମନ୍ଦିରକୁ ସର୍ବସାଧାରଣ ଦର୍ଶନ ନିମନ୍ତେ ବନ୍ଦ ରଖାଯିବା ସହ ଆଖପାଖ ଅଞ୍ଚଳର ସମସ୍ତ ବିଦ୍ୟାଳୟକୁ ଛୁଟି କରାଯାଇଥିଲା । ରାଷ୍ଟ୍ରପତିଙ୍କ ସୁରକ୍ଷା ଦୃଷ୍ଟିରୁ ୨୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା । ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ମୁର୍ମୁ ବିରଜାଙ୍କ ଦର୍ଶନ ପରେ ବାଲେଶ୍ୱର ଜିଲ୍ଲା ଗସ୍ତ କରି

ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଛନ୍ତି । ସେଠାରେ ବିଶ୍ୱବିଦ୍ୟାଳୟ ନବନିର୍ମିତ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଆଜି ସଂଧ୍ୟାରେ ପୁରୀ ଗସ୍ତ କରି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ସହ ପିଣ୍ଡଦାନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

---

## ପାର୍ଲ୍ୟାମେଣ୍ଟାରୀ ମିଟ୍

ଐତିହାସିକ ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ନେଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ସାଂସଦମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସଂସଦ ଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପରେ ଗଣମାଧ୍ୟମକୁ ସମ୍ବୋଧନ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହେବାର ଗୋଟିଏ ସପ୍ତାହ ମଧ୍ୟରେ ଆମେରିକା ସହ ଏହି ବାଣିଜ୍ୟ ବୁଝାମଣା ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ସହ ସମନ୍ୱୟ ରକ୍ଷା କରି ସମସ୍ତ ବିକଶିତ ଦେଶ କାର୍ଯ୍ୟ କରିବାକୁ ଚାହୁଁଥିବା ଶ୍ରୀ ରିଜିଜୁ କହିଛନ୍ତି । ଏ ପର୍ଯ୍ୟନ୍ତ ଭାରତ ୩୯ଟି ଦେଶ ସହ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିଥିବା ସେ କହିଛନ୍ତି ।

**V/O (Kiran Rijiju)**

ବିଜେପିର ନବ ନିର୍ବାଚିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ମଧ୍ୟ ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା ।

---

# ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍ ମିନିଷ୍ଟର୍ସ

କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ଡକ୍ଟର ଏସ୍. ଜୟଶଙ୍କର, ଅଶ୍ୱିନୀ ବୈଷ୍ଣବ, ପୀୟୂଷ ଗୋୟଲ ଏବଂ କିରେନ୍ ରିଜିଜୁ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି, ଏହି ଚୁକ୍ତିନାମା ଫଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଉଭୟ ଦେଶର ଅର୍ଥନୀତିରେ ସୃଜନଶୀଳତାକୁ ଅଗ୍ରାଧିକାର ମିଳିବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଏହି ବୁଝାମଣା ଦ୍ୱାରା ବାଣିଜିକ ଆଦାନ ପ୍ରଦାନ ଦୃଢ଼ ହେବା ସହ ଉଭୟ ଦେଶର ବିକାଶ କ୍ଷେତ୍ରକୁ ପ୍ରାଧାନ୍ୟ ମିଳିବ ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଉଭୟ ଦେଶର ବିକାଶ ସ୍ତରକୁ ଦୃଢ଼ କରିବା କ୍ଷେତ୍ରରେ ଏବଂ ମୁକ୍ତ ବାଣିଜ୍ୟ ବ୍ୟବସ୍ଥାକୁ ଅଗ୍ରାଧିକାର ଦେବା ଲାଗି ଏହି ଚୁକ୍ତି ଉଦ୍ଦିଷ୍ଟ । ଶ୍ରୀ ଗୋୟଲ କହିଛନ୍ତି, ଏହା କେବଳ ବାଣିଜ୍ୟ ଚୁକ୍ତି ନୁହେଁ ବରଂ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ଗତିଶୀଳ କରାଇବ ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଏକ ବଡ଼ ବିଜୟ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଶାନ୍ତି ଏବଂ ବିକାଶ ପାଇଁ ଉଭୟ ଭାରତ ଏବଂ ଆମେରିକା ପାଖରେ ଶକ୍ତି ରହିଛି । ଉଭୟ ଦେଶ ବିଶ୍ୱର ମଙ୍ଗଳ ପାଇଁ ସମାଧାନର ରାସ୍ତା ବାହାର କରିପାରିବେ ବୋଲି ସେ କହିଛନ୍ତି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଉଭୟ ଦେଶ ଶାନ୍ତି, ଉନ୍ନତି ଏବଂ ନବସୃଜନ କ୍ଷେତ୍ରରେ ଆହୁରି ଆଗକୁ ଯାଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱରେ ଭାରତର ସ୍ଥିତି ଆହୁରି ଦୃଢ଼ ହୋଇଛି ବୋଲି ସେ କହିଛନ୍ତି ।

## ସୁପ୍ରିମକୋର୍ଟ ମେଟା

ଡାଟା ସେୟାରିଂ ନାମରେ ଟେକ୍ନୋଲୋଜି କମ୍ପାନୀମାନେ ନାଗରିକଙ୍କ ଗୋପନୀୟତା ଅଧିକାର ସହିତ ଖେଳିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଭାରତୀୟ ପ୍ରତିଯୋଗିତା ଆୟୋଗ-ସିସିଆଇ ନାଗରିକ ଗୋପନୀୟତା ନୀତି ଉପରେ ଲଗାଇଥିବା ୨୧୩ କୋଟି ୧୪ଲକ୍ଷ ଟଙ୍କାର ଜୋରିମାନା ଆଦେଶ ବିରୋଧରେ ଆଗତ ଆବେଦନର ଶୁଣାଣି କରି ଆଜି ସୁପ୍ରିମକୋର୍ଟ ମେଟା ଏବଂ ହ୍ୱାଟ୍ସଆପ୍‌କୁ କଡା ସମାଲୋଚନା କରିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟା ବାଗ୍‌ଚୀ ଏବଂ ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଖଣ୍ଡପୀଠ ଏହି ମାମଲାରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟା ଖଣ୍ଡପୀଠରେ ଉପସ୍ଥିତ ରହି ବ୍ୟାବସାୟିକ ଉଦ୍ଦେଶ୍ୟରେ ବ୍ୟବହାରକାରୀଙ୍କ ତଥ୍ୟ ବାଣ୍ଟିବାର ଶୋଷଣକାରୀ ଅଭ୍ୟାସକୁ ସମାଲୋଚନା କରିଥିଲେ । ମେଟା ଏବଂ ହ୍ୱାଟ୍ସଆପ୍ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ମୁକୁଲ ରୋହତଗୀ ଏବଂ ଅଖିଳ ଶିବଲ କହିଥିଲେ ବ୍ୟବହାରକାରୀଙ୍କ ସମସ୍ତ ମେସେଜ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କମ୍ପାନୀଗୁଡ଼ିକ କୌଣସି ବିଷୟବସ୍ତୁକୁ ଆକ୍ସେସ୍ କରିପାରିବେ ନାହିଁ ।

## ସିଭିଲ ଆଭିଏସନ ବଜେଟ୍

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, କେନ୍ଦ୍ର ବଜେଟ୍ ୨୦୨୬-୨୭କୁ ସ୍ୱାଗତ କରିଛି । ମନ୍ତ୍ରଣାଳୟ କହିଛି ଏହି ବଜେଟ୍ ଦେଶର ବିମାନ ଚଳାଚଳ କ୍ଷେତ୍ରକୁ ଆତ୍ମନିର୍ଭରଶୀଳ କରିବାରେ ସମର୍ଥନ କରିବ । ବିମାନ ଏବଂ ଭାରତୀୟ ଉପକରଣ ଉପରେ ମୌଳିକ ସୀମା ଶୁଳ୍କ ଛାଡ କରାଯିବା ଦ୍ୱାରା ଘରୋଇ ବିମାନ ଉତ୍ପାଦନକୁ ଯଥେଷ୍ଟ ପ୍ରୋତ୍ସାହନ ମିଳିବ । ଆକାଶବାଣୀ ସମ୍ବାଦ ବିଭାଗ ସହ କଥାବାର୍ତ୍ତା ବେଳେ ମନ୍ତ୍ରଣାଳୟର ସଚିବ ସମୀର କୁମାର ସିହ୍ନା କହିଛନ୍ତି, ୨୦୨୮ ମସିହା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ, ମରାମତି ଏବଂ ସମସ୍ତ ଉପକରଣ ଅଂଶ ଉପରେ ସୀମାଶୁଳ୍କ ଛାଡର ସମ୍ପ୍ରସାରଣ ଭାରତକୁ ଏକ ବିଶ୍ୱ ବିମାନ ରକ୍ଷଣାବେକ୍ଷଣ ହବ୍ ଭାବରେ ସୁଦୃଢ଼ କରିବ । ଏହି ପଦକ୍ଷେପ କୁଶଳୀ ନିଯୁକ୍ତି ସୃଷ୍ଟି କରିବା ସହ ଖର୍ଚ୍ଚ ହ୍ରାସ କରିବ ଏବଂ ବିଶ୍ୱ ବିମାନ ଚଳାଚଳ ଇକୋ ସିଷ୍ଟମରେ ଭାରତର ପ୍ରତିଦ୍ୱନ୍ଦ୍ୱିତାକୁ ବୃଦ୍ଧି କରିବ ।

---

## ଉତ୍ତରାଖଣ୍ଡ ବସ୍ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ଡେରାଡୁନ୍ ଜିଲ୍ଲା କଲ୍‌ସି ଅଞ୍ଚଳରେ କ୍ୱାନୁ-ମିନାସ୍ ମୋଟର ରାସ୍ତାରେ ହିମାଚଳ ପରିବହନ ନିଗମର ଏକ ବସ୍ ଖାତକୁ ଖସିପଡିବା ଫଳରେ ୪ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଆହତ ୧୨ଜଣ ଯାତ୍ରୀଙ୍କୁ ସ୍ଥାନୀୟ ବିକାଶନଗର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଜିଲ୍ଲା ପ୍ରଶାସନ ଏବଂ ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଦୁର୍ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ମୃତକଙ୍କ

ପରିବାରବର୍ଗଙ୍କ ପ୍ରତି ସମବେଦନା ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## କ୍ରିକେଟ୍-ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟରଲିଗ୍ କ୍ରିକେଟ୍‌ରେ ଆଜି ଗୁଜରାଟ ଜାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭଦୋଦରାର କୋଟାମ୍ବି ସ୍ଥିତ ବି.ସି.ଏ. ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଆଜିର ମ୍ୟାଚ୍‌ର ବିଜେତା ଆସନ୍ତା ଗୁରୁବାର ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ସହ ମୁକାବିଲା କରିବ । ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆର୍.ସି.ବି. ଦଳ ଫାଇନାଲ୍‌ରେ ପହଞ୍ଚିସାରିଛି ।